**ନବୀନ ପଟ୍ଟନାୟକ**
ମୁଖ୍ୟମନ୍ତ୍ରୀ, ଓଡିଶା

सत्यमेव जयते

**ରାଜ୍ୟ ସଚିବାଳୟ**
ଭୁବନେଶ୍ୱର

## ବାର୍ତ୍ତା

ଓଡିଶା ପୋଲିସର ୮୩ତମ ପ୍ରତିଷ୍ଠା ଦିବସ ଏବଂ ଉତ୍କଳ ଦିବସ ଅବସରରେ ସମସ୍ତଙ୍କୁ ମୋର ଅଭିନନ୍ଦନ ଜଣାଉଛି ।

ଗଣତନ୍ତ୍ରରେ ପୋଲିସ ଏକ ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନ । ଶାନ୍ତିଶୃଙ୍ଖଳା ରକ୍ଷା ଓ ଅପରାଧ ଅନୁସନ୍ଧାନ ସହିତ ନାଗରିକଙ୍କ ଅଧିକାରର ସୁରକ୍ଷା ଦିଗରେ ମଧ୍ୟ ପୋଲିସର ଗୁରୁଦାୟିତ୍ୱ ରହିଛି । ତେଣୁ ସେବା ଓ ଶୃଙ୍ଖଳା ସବୁବେଳେ ପୋଲିସର ଆଦର୍ଶ ହେବା ଉଚିତ୍ ।

ଓଡିଶାରେ ବାମପନ୍ଥୀ ଉଗ୍ରବାଦ ନିୟନ୍ତ୍ରଣ କରିବାରେ ରାଜ୍ୟ ପୋଲିସର ସଫଳତା ନିଶ୍ଚିତ ଭାବରେ ଉତ୍ସାହପ୍ରଦ । କିନ୍ତୁ ଆତ୍ମସନ୍ତୋଷ ଠାରୁ ଦୂରରେ ରହି ସତର୍କତା ସହିତ ପରିସ୍ଥିତି ଉପରେ ଦୃଷ୍ଟି ରଖି କାର୍ଯ୍ୟ କଲେ ଆମେ ହାସଲ କରିଥିବା ସଫଳତାକୁ ଦୀର୍ଘସ୍ଥାୟୀ କରିପାରିବା ।

ଅର୍ଥନୈତିକ ଅପରାଧ ଓ ସାଇବର ଅପରାଧ ରାଜ୍ୟ ପୋଲିସ ପାଇଁ ନୂଆ ଆହ୍ୱାନ ସୃଷ୍ଟି କରିଛି । ମୋର ବିଶ୍ୱାସ, ବୈଷୟିକ ଜ୍ଞାନକୌଶଳ ଓ ବୃତ୍ତିଗତ ଦକ୍ଷତା ଜରିଆରେ ଓଡିଶା ପୋଲିସ ଏହି ସମସ୍ୟାକୁ ମଧ୍ୟ ସଫଳ ଭାବରେ ନିୟନ୍ତ୍ରଣ କରିପାରିବ ।

ଆଇନ ଶୃଙ୍ଖଳା ଓ ଅପରାଧ ଅନୁସନ୍ଧାନ କ୍ଷେତ୍ରରେ ଓଡିଶା ପୋଲିସର ପ୍ରଦର୍ଶନ ସନ୍ତୋଷଜନକ ରହିଥିଲେ ମଧ୍ୟ ପ୍ରତ୍ୟେକ ସମସ୍ୟାକୁ ଗମ୍ଭୀରତାର ସହ ଗ୍ରହଣ କରି ପ୍ରାଥମିକ ସ୍ତରରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ, ପୋଲିସର ଦକ୍ଷତା ବୃଦ୍ଧିରେ ବିଶେଷ ସହାୟକ ହେବ । ବିଶେଷତଃ ମହିଳା, ଶିଶୁ ଓ ଅବହେଳିତ ବର୍ଗର ସୁରକ୍ଷା ଦିଗରେ ପୋଲିସ ଅଧିକ ଯତ୍ନବାନ ହେବା ଆବଶ୍ୟକ ।

ମୋର ବିଶ୍ୱାସ, ଆଗାମୀ ଦିନରେ ଓଡିଶା ପୋଲିସ ଲୋକଙ୍କୁ ଉତ୍ତମ ସେବା ଯୋଗାଇଦେବା ସହିତ ନିଜକୁ ଦେଶର ଏକ ଆଦର୍ଶ ପୋଲିସ ସଂଗଠନ ଭାବରେ ପ୍ରତିଷ୍ଠିତ କରିବାରେ ସଫଳ ହେବ ।

ବନ୍ଦେ ଉତ୍କଳ ଜନନୀ ।

ସ୍ୱା/-
(ନବୀନ ପଟ୍ଟନାୟକ)